RNI No.ODIODI/2010/33031
୧୭ ବର୍ଷ Volume-17
ISSUE -43 ସଂଖ୍ୟା-୪୩
ଭୁବନେଶ୍ୱର, ବୁଧବାର ୨୨ ଏପ୍ରିଲ୍ ୨୦୨୬
Bhubaneswar, Wednesday 22 April, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

ରାଉରକେଲାରେ ଏକାଧିକ ପ୍ରକଳ୍ପର ଉଦ୍‌ଘାଟନ କଲେ ରାଷ୍ଟ୍ରପତି

ରାଉରକେଲା, ୨୧।୪(ନି.ପ୍ର.): ଓଡ଼ିଶାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ପ୍ରଥମ ଝାରସୁଗୁଡ଼ାରେ ଆସି ପହଞ୍ଚିଥିଲେ ରାଷ୍ଟ୍ରପତି। ଏହାପରେ ବାୟୁସେନାର ହେଲିକପ୍ଟର ଯୋଗେ ରାଉରକେଲାରେ ପହଞ୍ଚିଛନ୍ତି। ଏହାପରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରାଯାଇଛି।

ମହାମହିମାଙ୍କ ସାଥୀରେ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପତି, ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ, ଉପବାଚ଼ସ୍ପତି ଭବାନୀ ଶଙ୍କର ଭୋଇ,କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଓ ରଘୁନାଥପାଲି ଦୁର୍ଗା ଚ଼ରଣ ତନ୍ତୀ। ଦେଶାତ୍ମକ ସଂଗୀତ ସହ ସାନ୍ତାଳୀ, କରମା, ସମ୍ବଲପୁରୀ ଓ ଓଡ଼ିଶୀ ନାଚ଼ରେ ୨୫୦୦ ଛାତ୍ରଛାତ୍ରୀ କରିଥିଲେ ଭବ୍ୟ ସ୍ୱାଗତ। ଦର୍ଶକମାନଙ୍କ ତାଳିରେ କମ୍ପିଥିଲା ପୁରା ସଭାମଞ୍ଚ। ପରେ ରାଷ୍ଟ୍ରପତି ନୃତ୍ୟ ପରିବେଷଣ କରିଥିବା ଛାତ୍ରଛାତ୍ରୀଙ୍କୁ ଭେଟିଲେ। ଛାତ୍ରଛାତ୍ରୀଙ୍କ ସହ ଫଟୋ ଉଠାଇବା ସହ ହାତ ମିଳାଇଥିଲେ।

ରାଉରକେଲା ରାଷ୍ଟ୍ରପତି ଜନସଭାରେ କହିଛନ୍ତି ଯେ, ଓଡ଼ିଶାର ସଂସ୍କୃତି ଓ ପରମ୍ପରା ମହାନ। ସୁନ୍ଦରଗଡ଼ର କଳା ସଂସ୍କୃତି ଓଡ଼ିଶାକୁ ପରିପୂର୍ଣ୍ଣ କରିଛି। ସୁନ୍ଦରଗଡ଼ କେବଳ ସଂସ୍କୃତି ପାଇଁ ସଂଗ୍ରାମ ପାଇଁ ବି ପରିଚ଼ିତ। ନିର୍ମଳ ମୁଣ୍ଡାଙ୍କ ସଂଗ୍ରାମ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ। ପରିବେଶ ପଥକୁ ନିର୍ମଳ ମୁଣ୍ଡାଙ୍କ ନାଁରେ ନାମିତ ଖୁସି କରିଛି। ହକିରେ ସୁନ୍ଦରଗଡ଼ ସାରା ଦେଶରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଦିଲ୍ଲୀପ ତିର୍କୀ, ଲାଜରୁସ ବାର୍ଲାଙ୍କ ପରି ଖେଳାଳି ଗୌରବ ବଢ଼ାଇଛନ୍ତି।

ଆଦିବାସୀ ଓ ମହିଳାଙ୍କ ବିକାଶକୁ ଗୁରୁତ୍ୱ ଦେଇ ରାଷ୍ଟ୍ରପତି କହିଛନ୍ତି, ଆଦିବାସୀଙ୍କ ବିକାଶ ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଅଧିକରୁ ଅଧିକ ଏକଲବ୍ୟ ସ୍କୁଲମାନ ପ୍ରତିଷ୍ଠା କରାଯାଉଛି। ପ୍ରଧାନମନ୍ତ୍ରୀ ଜନମନ ଯୋଜନା ଜନଜାତିଙ୍କ ପାଇଁ କାର୍ଯ୍ୟ କରୁଛି। ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କୁ ଆଗକୁ ନେବାକୁ ପଡ଼ିବ। ମୁଖ୍ୟମନ୍ତ୍ରୀ, ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କ କାର୍ଯ୍ୟ ବେଶ୍ ପ୍ରଶଂସନୀୟ ରହିଛି। ସେହିପରି ରାଉରକେଲା ସଭାରେ ମହିଳାଙ୍କ ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି ରାଷ୍ଟ୍ରପତି। ମହିଳାଙ୍କ ବିକାଶ ବିନା ବିକଶିତ ଭାରତ ସ୍ୱପ୍ନ ପୂରଣ ହୋଇପାରିବନି। ଓଡ଼ିଶାରେ କାର୍ଯ୍ୟ କରୁଥିବା 'ସୁଭଦ୍ରା' ଯୋଜନା ମହିଳାଙ୍କୁ ଆଗକୁ ନେବ। ଏଥିସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ବିଭିନ୍ନ ସାମଗ୍ରୀ ଓ ଖାଦ୍ୟ ପ୍ରଦର୍ଶିତ ଷ୍ଟଲ ଗୁଡିକ ବୁଲି ଦେଖିଥିଲେ। ମହିଳା ଏସଏଚ୍‌ଜି ଗ୍ରୁପ ମହିଳାମାନଙ୍କ ସହ ଫଟୋ ମଧ ଉଠାଇଥିଲେ। ରାଷ୍ଟ୍ରପତି ପ୍ରାୟ ୧୫୮ କୋଟି ଟଙ୍କା ବ୍ୟୟଅଟକଳରେ ଚ଼ାରିଟି ପ୍ରକଳ୍ପ ଲୋକାର୍ପଣ କରିଛନ୍ତି। ଏଥି ମଧ୍ୟରେ ୪୮ କୋଟିର ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର, ୪୦ କୋଟିର ଆଦିବାସୀ ସଂଗ୍ରହାଳୟ, ୪୨.୪୪ କୋଟିର ନିର୍ମଳ ମୁଣ୍ଡା ପ୍ରବେଶ ପଥ ଓ ୨୭ କୋଟିର ବିଜ୍ଞାନ ପାର୍କ ଓ ପ୍ଲାନେଟାରିୟମ୍ ରହିଛି।

ରାଉରକେଲାକୁ ଉନ୍ନତ ସ୍ମାର୍ଟ ସିଟି କରାଯିବ : ମୁଖ୍ୟମନ୍ତ୍ରୀ

ରାଉରକେଲା : ଆଜି ଏକ ଐତିହାସିକ ଦିନ। ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଗର୍ବ ଓ ଆନନ୍ଦର ଦିନ। ଭାରତର ପ୍ରଥମ ନାଗରିକ, ଆମ ମାଟିର ଗୌରବ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମହୋଦୟା ଆଜି ଇସ୍ପାତ ସହର ରାଉରକେଲାରେ ଆମ ଗହଣରେ ଉପସ୍ଥିତ ଅଛନ୍ତି। ଆଧୁନିକ ଶିଳ୍ପ ବିପ୍ଳବର ପ୍ରାଣକେନ୍ଦ୍ର ସାଜିଥିବା ଇସ୍ପାତ ନଗରୀ ପାଇଁ ଅନେକ ଗୁଡିଏ ବିକାଶ ମୂଳକ ପ୍ରକଳ୍ପ ମାନଂକର ରାଷ୍ଟ୍ରପତିଙ୍କ ଦ୍ୱାରା ଶୁଭାରମ୍ଭ ହେବ। ଓଡିଶାର ମିନି ଇଣ୍ଡିଆ କୁହାଯାଉଥିବା ଏହି ରାଉରକେଲା ସହରକୁ ମୁଁ ରାଷ୍ଟ୍ରପତି ମହୋଦୟାଙ୍କୁ ଓଡିଶାବାସୀଙ୍କ ତରଫରୁ ସ୍ୱାଗତ କରୁଛି, ଏବଂ ମୋର ହୃଦୟରୁ କୃତଜ୍ଞତା ଜଣାଉଛି। ରାଉରକେଲା କେବଳ ଏକ ଶିଳ୍ପ ସମୃଦ୍ଧ ସହର ନୁହେଁ। ଏହା ସ୍ୱପ୍ନ, ଶୃଙ୍ଖଳା, ବିବିଧତା ଏବଂ ବୈଭବରେ ପରିପୂର୍ଣ୍ଣ ସହର। ରାଉରକେଲା ଷ୍ଟିଲ ପ୍ଲା□ ସାରା ଦେଶରେ ସୁନାମ ଅର୍ଜନ କରିଛି। ଏହି ସହର ରାଷ୍ଟ୍ରନିର୍ମାଣରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହା ଲକ୍ଷ ଲକ୍ଷ ଲୋକଙ୍କୁ ନିଯୁକ୍ତି, ସୁଯୋଗ ଏବଂ ପରିଚୟ ଦେଇଛି। ଏହା ସହିତ, ରାଉରକେଲା ତାର ପ୍ରାକୃତିକ ସୌନ୍ଦର୍ଯ୍ୟ, ସମୃଦ୍ଧ ଆଦିବାସୀ ସଂସ୍କୃତି ଏବଂ ବିଶେଷ କରି ହକି କ୍ଷେତ୍ରରେ ପାଇଁ ସ୍ୱତନ୍ତ୍ରତା ଅର୍ଜନ କରିଛି। ରାଷ୍ଟ୍ରପତି ମହୋଦୟାଙ୍କ କରକମଳରେ ପ୍ରାୟ ୪୮ କୋଟି ଟଙ୍କା ବ୍ୟୟରେ ଇ□ଗ୍ରେଟେଡ୍ କମାଣ୍ଡ ଆଣ୍ଡ କ□ଲ୍‌ସେ□ର (ଆଇସିସିସି) ଉଦ୍‌ଘାଟନ ହେବ। ରାଉରକେଲା ଏକ ସ୍ମାର୍ଟ ସିଟି ଏବଂ ଏହି ସ୍ମାର୍ଟ ସିଟିକୁ ଅଧିକ ଉନ୍ନତ କରିବା ପାଇଁ ଏହି ଆଇସିସିସି ଆମ ସ୍ମାର୍ଟ ପ୍ରଶାସନକୁ ବିଶ୍ୱ ସ୍ତରୀୟ କରିବା ପାଇଁ ଯାଉଛି। ଏହି ବ୍ୟବସ୍ଥା ରାଉରକେଲାକୁ ସୁରକ୍ଷିତ, ସ୍ମାର୍ଟ ଏବଂ ଅଧିକ ନାଗରିକ-ଅନୁକୂଳ କରିବା ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଓଡିଶାର ଅଫ୍ଲିଜିମ୍ ଓ ଅର୍ଗିଜିନାଲିଟିକୁ ଅର୍ଗାନାଇଜ୍ କରି ସମସ୍ତଙ୍କ ପାଇଁ ସୁଯୋଗ ସୃଷ୍ଟି କରିବାରେ ସହାୟକ ହେବ।

ପ୍ରକାଶ ପାଇଲା ଜେଇଇ ମେନ୍ ପରୀକ୍ଷାଫଳ

୧୩ ରାଙ୍କ୍ ସହ ଭବେଶ ପାତ୍ର ହେଲେ ଓଡ଼ିଶା ଟପ୍ପର

ଭୁବନେଶ୍ୱର, ୨୧।୪: ପ୍ରକାଶ ପାଇଛି ଜେଇଇ ମେନ୍ ପରୀକ୍ଷାର ଫଳ। ନ୍ୟାସ୍‌?ନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ପକ୍ଷରୁ ପ୍ରକାଶ ପାଇଛି ରେଜଲ୍ଟ। ଏଥର ଓଡ଼ିଶା ପାଇଁ ଆସିଛି ଗର୍ବର ଖବର, କାରଣ ସର୍ବ ଭାରତୀୟ ସ୍ତରରେ ୧୩ତମ ରାଙ୍କ ହାସଲ କରି ଭବେଶ ପାତ୍ର ଓଡ଼ିଶାର ଟପ୍ପର ହୋଇଛନ୍ତି। ଶତ ପ୍ରତିଶତ ମାର୍କ ସହ ତାଙ୍କ ଏହି ସଫଳତା ଛାତ୍ରଜୀବନରେ ଏକ ଉଲ୍ଲେଖନୀୟ ମାଇଲଷ୍ଟୋନ୍।

ଚ଼ଳିତବର୍ଷ ଜେଇଇ ମେନ୍ ସେସନ-୨ରେ ୨୬ ଜଣ ୧୦୦ ପରସେଣ୍ଟାଇଲ୍ ରଖିଥିବା ବେଳେ, ଏଥିରେ ଓଡ଼ିଶାରୁ ଅଛନ୍ତି ଏକମାତ୍ର ଛାତ୍ର ଭବେଶ ପାତ୍ର। ସଫଳତାକୁ ନେଇ ଭବେଶ ପାତ୍ର କହିଛନ୍ତି,'ସଫଳତାର ଶ୍ରେୟ ମୁଁ ମୋ ପରିବାର ବର୍ଗ ଓ ଶିକ୍ଷକଙ୍କୁ ଦେବି। ସଫଳତା ପାଇବା ପାଇଁ ହେଲେ କୌଣସି ସର୍ଟ୍ କଟ୍ ଉପାୟ ନାହିଁ। ଯଦି କଠିନ ପରିଶ୍ରମ କରିବା, ସଫଳତା ନିଶ୍ଚିତ ପାଇବା।' ସେ ଆହୁରି ମଧ କହିଛନ୍ତି ଯେ, ମୁଁ ଯେତିକି ସମୟ ପାଠ ପଢେ ମନ ଲଗାଇ ପଢ଼ିଥାଏ। ଏହା ସହିତ ଭଲ ଭାବେ ରିଭିଜନ ମଧ କରିଥାଏ'।

ଭବେଶଙ୍କ ସଫଳତା ପଛରେ ରହିଛି କଠିନ ପରିଶ୍ରମ। ସେ ଦିନକୁ ୮ରୁ ୧୦ ଘଣ୍ଟା ଅଧ୍ୟୟନ କରୁଥିବା କହିବା ସହ ଅନ୍ୟ ଛାତ୍ରଛାତ୍ରୀଙ୍କୁ ସୋସିଆଲ ମିଡ଼ିଆରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛନ୍ତି। ଆଗାମୀ ଦିନରେ ଔରର ଏଡଭାନ୍ସରେ ଆହୁରି ଭଲ ପରିଣାମ ପାଇଁ ସେ ପ୍ରସ୍ତୁତି ଜାରି ରଖିଛନ୍ତି। ଏହି ସଫଳତା ଯାତ୍ରାରେ ସକ୍ଷସିଂହ ପାତ୍ର AIR-୨୨୫ ସହ ଓଡ଼ିଶାର ଦ୍ୱିତୀୟ ଟପ୍ପର ହୋଇଥିବା ବେଳେ, AIR-୫୬୩ ସହ ଅର୍ଯ୍ୟସ୍ମନ୍ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ଆଜି ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କ୍ୟାବିନେଟ୍ ବୈଠକ

ଭୁବନେଶ୍ୱର: ଆସନ୍ତାକାଲି ୨୨ ଏପ୍ରିଲରେ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବାକୁ ଯାଉଛି। ବୁଧବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଲୋକସେବା ଭବନରେ ଏହି ବୈଠକ ଆୟୋଜିତ ହେବ। ବୈଠକରେ ରାଜ୍ୟର ଅନେକ ଜରୁରୀ ପ୍ରସ୍ତାବ ଉପରେ ଚ଼ର୍ଚ୍ଚା ସହ ମୋହର ପଡ଼ିବା ନେଇ ସମ୍ଭାବନା ରହିଛି। ବିଶେଷକରି ବିଭିନ୍ନ ବିଭାଗର ନୀତିଗତ ନିଷ୍ପତ୍ତି ଓ ନୂତନ ପରିକଳ୍ପନାଗୁଡ଼ିକୁ ନେଇ ଆଲୋଚ଼ନା ହେବ ବୋଲି ସୂଚ଼ନା ମିଳିଛି।

ଏହି ବୈଠକରେ ମୁଖ୍ୟ ଶାସନ ସଚ଼ିବ ସହିତ ବିଭାଗୀୟ ମନ୍ତ୍ରୀ ଓ ବରିଷ୍ଠ ସଚ଼ିବମାନେ ଉପସ୍ଥିତ ରହିବେ। ଯଦିଓ କ୍ୟାବିନେଟ୍‌?ର ଏଜେଣ୍ଡା ସମ୍ପର୍କରେ ସ୍ପଷ୍ଟ ସୂଚ଼ନା ପ୍ରକାଶ ପାଇନାହିଁ, ତଥାପି ୪ରୁ ୫ଟି ବିଭାଗ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ଉପରେ ଅନୁମୋଦନ ମିଳିବାର ସମ୍ଭାବନା ରହିଛି।

ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ଏପର୍ଯ୍ୟନ୍ତ ୩୮ଟି କ୍ୟାବିନେଟ୍ ବୈଠକ ହୋଇସାରିଛି। ସେଥିରେ 'ସୁଭଦ୍ରା' ଯୋଜନା, ଚ଼ାଷୀଙ୍କ ପାଇଁ ସହାୟତା ଓ ବୃଦ୍ଧମାନଙ୍କ ପାଇଁ ଭତ୍ତା ଭଳି ନିଷ୍ପତ୍ତି ନିଆଯାଇଛି। ତେବେ ଆସନ୍ତାକାଲି ହେବାକୁ ଥିବା ଏହି ବୈଠକର ନିଷ୍ପତ୍ତି ଉପରେ ସମସ୍ତଙ୍କ ନଜର ରହିଛି।

ୟୁପି ନିର୍ବାଚ଼ନରେ ଏସ୍‌ପି-କଂଗ୍ରେସ ମେଣ୍ଟ

ଲକ୍ଷ୍ନୌ : ଉତ୍ତର ପ୍ରଦେଶର ରାଜନୈତିକ ଦୃଶ୍ୟପଟ ୨୦୨୭ ପାଇଁ ସ୍ଥିର ହୋଇସାରିଛି। ସମାଜବାଦୀ ପାର୍ଟି(ଏସ୍‌?ପି) ମୁଖ୍ୟ ଅଖିଳେଶ ଯାଦବ ଆଗାମୀ ସମୟରେ ରାଜ୍ୟର ରାଜନୀତି କେଉଁ ଦିଗକୁ ନେବ ତାହା ସ୍ପଷ୍ଟ କରିଦେଇଛନ୍ତି। ଅଖିଳେଶ ମଧ ମେଣ୍ଟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ହରିୟାଣାର ରେୱାଡ଼ିରେ ଏକ ବ୍ୟକ୍ତିଗତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଖିଳେଶ ଯାଦବ ଦଳର ବିଜୟ ଉପରେ ଆତ୍ମବିଶ୍ୱାସ ପ୍ରକାଶ କରି ଦିଲ୍ଲୀରୁ ଲକ୍ଷ୍ନୌ ପର୍ଯ୍ୟନ୍ତ ରାଜନୈତିକ ବିତର୍କକୁ ମଧ ଦୋହଲାଇ ଦେଇଛନ୍ତି। ବିରୋଧୀ ଏକତାକୁ ନେଇ କଳ୍ପନାଜଳ୍ପନା ଚ଼ାଲିଥିବା ସମୟରେ ମେଣ୍ଟ ସମ୍ପର୍କରେ ତାଙ୍କର ବଡ ମନ୍ତବ୍ୟ ଆସିଛି। ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ସେ ଆତ୍ମବିଶ୍ୱାସ ପ୍ରକାଶ କରିଛନ୍ତି ଯେ, ସମାଜବାଦୀ ପାର୍ଟି ଆସନ୍ତା ବର୍ଷ ନିର୍ବାଚ଼ନ ପରେ ଉତ୍ତର ପ୍ରଦେଶରେ କ୍ଷମତାକୁ ଏକ ବଡ଼ ପ୍ରତ୍ୟାବର୍ତ୍ତନ କରିବ। ସେ ବିଜେପିକୁ ସମାଲୋଚ଼ନା କରିବା ସହିତ ପଶ୍ଚିମବଙ୍ଗ ସମେତ ବର୍ତ୍ତମାନ ବିଧାନସଭା ନିର୍ବାଚ଼ନ ହେଉଥିବା ସମସ୍ତ ରାଜ୍ୟରେ ଏକ ଦଳର ବଡ଼ ଧରଣର ପରାଜୟ ପୂର୍ବାନୁମାନ କରିଛନ୍ତି।

ମେଣ୍ଟର ଭବିଷ୍ୟତ ବିଷୟରେ ନେଇ ବାରମ୍ବାର ହେଉଥିବା ବିତର୍କର ଅନ୍ତ ଘଟାଇ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଇଣ୍ଡିଆ ମେଣ୍ଟ ଏକଜୁଟ ରହିବ। କଂଗ୍ରେସ ସହିତ ଏସ୍‌?ପି ମେଣ୍ଟ କରି ନିର୍ବାଚ଼ନ ଲଢ଼ିବ। ମେଣ୍ଟରେ ଆସନ ଭାଗବଣ୍ଟା ଅପେକ୍ଷା ପ୍ରାର୍ଥୀଙ୍କ ଜିତିବାର କ୍ଷମତା ଅଧିକ ଗୁରୁତ୍ୱପୂର୍ଣ୍ଣ। ସେ ସ୍ପଷ୍ଟ କରିଛନ୍ତି, ଟିକେଟ ପ୍ରଦାନର ଆଧାର କେବଳ ପ୍ରାର୍ଥୀଙ୍କ ଜିତିବା କ୍ଷମତା ହେବ। ଏହା ସୂଚ଼ିତ କରିଛି ଯେ, ବିରୋଧୀ ଦଳ ଆଗାମୀ ନିର୍ବାଚ଼ନରେ ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱକୁ ଏଡାଇ କେବଳ ବିଜୟ ଲକ୍ଷ୍ୟ ଉପରେ ଧ୍ୟାନ ଦେବାକୁ ଚ଼ାହୁଁଛନ୍ତି। ଲକ୍ଷ୍ନୌରେ ଦଳୀୟ ମୁଖ୍ୟାଳୟରେ ଭାଷଣରେ, ଅଖିଳେଶ ଯାଦବ ବିଜେପିର କାର୍ଯ୍ୟଶୈଳୀକୁ ଟାର୍ଗେଟ କରି କହିଥିଲେ ଯେ, ବିଜେପି ଶାସକ ଦଳର ବିଭାଜନ କରିବା ପୁରୁଣା ରଣନୀତି ଉପରେ କାର୍ଯ୍ୟ ଜାରି ରଖିଛି। ବିଜେପି ପ୍ରଥମେ ଲୋକଙ୍କ ମଧ୍ୟରେ ଅବିଶ୍ୱାସର ବୀଜ ବୁଣେ ଏବଂ ପରେ ସେମାନଙ୍କୁ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ କରି ପରସ୍ପର ବିରୋଧରେ ଠିଆ କରାଉଛି। ଭୟର ବାତାବରଣ ସୃଷ୍ଟି କରିବା ବିଜେପିର ସମର୍ଥନ ହାସଲ କରିବାର ପ୍ରାଥମିକ ପଦ୍ଧତି ପାଲଟିଛି। ବିରୋଧୀ ଦଳ ଲୋକଙ୍କ ସ୍ୱର ଏବଂ ସରକାରଙ୍କ ଏହି ବିଭାଜନକାରୀ ନୀତିଗୁଡ଼ିକୁ ଲୋକଲୋଚ଼ନକୁ ଆଣିବା ପ୍ରୟାସ ଜାରି ରଖିବ।

ପ୍ରୋଟୋକଲ ଭାଙ୍ଗିଲେ ରାଷ୍ଟ୍ରପତି

ରାଉରକେଲା, ୨୧।୪(ନି.ପ୍ର.): ଜଣେ ସାଧାରଣ ଜନତାର ପରିଚ଼ୟ ଦେଲେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ମୁଣ୍ଡଫଟା ଖରାକୁ ଖାତିର ନକରି ଜନସାଧାରଣଙ୍କ ଗହଳି ଭିତରେ କିଛି କ୍ଷଣ ବିତାଇଛନ୍ତି। ରାଜ୍ୟରେ ପ୍ରବଳ ଗ୍ରୀଷ୍ମଲହରୀ ଜାରି ଥିବା ବେଳେ ସେ ଯେତେବେଳେ ରାଉରକେଲାର ଏକ ରାଜରାସ୍ତାରେ ଯାଉଥିଲେ ଶୀତତାପ ନିୟନ୍ତ୍ରିତ କାର୍‌ରୁ ଓହ୍ଲାଇ ଜନସାଧାରଣଙ୍କୁ

ଭେଟିଛନ୍ତି। ସାଧାରଣ ଜନତାଙ୍କ ଆଶାକୁ ଦ୍ୱିଗୁଣିତ କରିଛନ୍ତି। ଜନସାଧାରଣଙ୍କୁ ସେ ନିରାଶ କରି ନାହାନ୍ତି। ଆଜି ଅପରାହ୍ନରେ ଏହି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ରାଉରକେଲାର ଜନସାଧାରଣଙ୍କର ମୁହଁରେ ଗୋଟିଏ କଥା ଯେ, ଯାହା ହେଲେ ବି ସେ ଓଡିଆ ଝିଅ ତ... ଓଡିଶାର ଲୋକଙ୍କ ପାଇଁ ତାଙ୍କର ବିଶାଳ ହୃଦୟ ରହିଛି। ସୁନ୍ଦରଗଡ ଜିଲ୍ଲା ପାନପୋଷ ସରକାରୀ କଲେଜ ପାର୍ଶ୍ୱ ରାଉରକେଲା ଜନଜାତି ସଂଗ୍ରହାଳୟ ଉଦ୍‌?ଘାଟନୀ କାର୍ଯ୍ୟକ୍ରମସ୍ଥଳକୁ ଯିବାବେଳେ ହନୁମାନ ବଟିକା ଛକରେ ପ୍ରୋଟୋକଲ ଭାଙ୍ଗିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସେ ୪୪ ଡିଗ୍ରି ତାତିରେ ଗାଡିରୁ ଓଲହାଇ ସିଧାସଳଖ ଲୋକଙ୍କ ସହ ମିଶିଛନ୍ତି। ତାଙ୍କର ଟିକେ ଝଲକ ପାଇବାକୁ ଅସହ୍ୟ ତାତିରେ ଅପେକ୍ଷା କରିଥିବା କିଛି ଲୋକଙ୍କ ସହ ମଧ ମିଳାଇଲେ। କିଛି ଛୋଟ ପିଲାଙ୍କୁ ଚ଼କୋଲେଟ ଦେଇଛନ୍ତିଷ ଭାରତ ମାତା କି ଜୟ, ବନ୍ଦେ ମାତରମ, ମହାମହିମ କି ଜୟ ନାରାରେ କମ୍ପି ଥିଲା ସ୍ଥାନୀୟ ଅଞ୍ଚଳ।

ଗରିବ ପରିବାରଙ୍କ ମୁହଁରେ ହସ

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ମିଳିଲା ସହାୟତା

ଭୁବନେଶ୍ୱର, ୨୧।୪: ରାଜ୍ୟ ସରକାରଙ୍କ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଗରିବ ପରିବାରଙ୍କ ପାଇଁ ଆଶୀର୍ବାଦ ସାବ୍ୟସ୍ତ ହେଉଛି। ମଙ୍ଗଳବାର ଦିନ ମାଲକାନଗିରି, ଢେଙ୍କାନାଳ ଓ ଖୋର୍ଦ୍ଧା ଜିଲ୍ଲାରେ ଆୟୋଜିତ ସାମୂହିକ ବିବାହ ଉତ୍ସବରେ ମୋଟ ୯୪ଟି ଯୋଡ଼ି ବିବାହ ବନ୍ଧନରେ ବାନ୍ଧି ହୋଇ ନୂଆ ଜୀବନରେ ପଦାର୍ପଣ କରିଛନ୍ତି।

ମାଲକାନଗିରିର କଲ୍ୟାଣ ମଣ୍ଡପରେ ୧୭ଟି ଯୋଡ଼ି ପାରମ୍ପରିକ ବୈଦିକ ରୀତିନୀତିରେ ବିବାହ ସମ୍ପନ୍ନ କରିଥିବାବେଳେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ବିଧାୟକ ନରସିଂହ ମାଡକାମି ଓ ମଙ୍ଗୁ ଖିଲା ନବଦମ୍ପତିଙ୍କୁ ଆଶୀର୍ବାଦ ଦେଇଥିଲେ। ଜିଲ୍ଲାପାଳ

କହିଥିଲେ, ଏହି ଯୋଜନା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରଙ୍କୁ ନୂଆ ଆଶା ଦେଉଛି ଓ ସମାଜରେ ସମ୍ମାନ ସହ ଜୀବନ ଆରମ୍ଭ କରିବାର ଅବସର ମିଳୁଛି। ଢେଙ୍କାନାଳର ଅଭିନନ୍ଦନ ଗାର୍ଡେନରେ ମଧ ୨୮ଟି ଯୋଡ଼ିଙ୍କ ବିବାହ ଭବ୍ୟ ଭାବେ ସମ୍ପନ୍ନ ହୋଇଛି। ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ହିନ୍ଦୋଳ ବିଧାୟିକା ସିମାରାଣୀ ନାୟକ ଓ ପରଜଙ୍ଗ ବିଧାୟକ ବିଭୁତି ପ୍ରଧାନ ଯୋଗଦେଇ ନବଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ। ଏହି ଯୋଜନାକୁ ନବବିବାହିତ କନ୍ୟାମାନେ 'ଐତିହାସିକ ପଦକ୍ଷେପ' ବୋଲି ବର୍ଣ୍ଣନା କରିଛନ୍ତି। ଅନ୍ୟପଟେ ଖୋର୍ଦ୍ଧାର ପବିତ୍ର ବରୁଣେଇ ପୀଠରେ ୪୯ଟି ଯୋଡ଼ି ମନ୍ତ୍ରଧ୍ୱନି ମଧ୍ୟରେ ବିବାହ ବନ୍ଧନରେ ବାନ୍ଧାହୋଇଛନ୍ତି। ବିବାହ ପରେ ସମସ୍ତ ଯୋଡ଼ି ମା' ବରୁଣେଇଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ପ୍ରଶାସନ ପକ୍ଷରୁ ବରକନ୍ୟାଙ୍କ ପାଇଁ ସୁବିଧାଜନକ ବ୍ୟବସ୍ଥା, ଭୋଜିଭାତ ସହ ସମସ୍ତ ପ୍ରସ୍ତୁତି କରାଯାଇଥିଲା।

ପ୍ରତ୍ୟେକ କନ୍ୟାଙ୍କୁ ୪୫ ହଜାର ଟଙ୍କା ସିଧାସଳଖ ଆକାଉଣ୍ଟକୁ ଦିଆଯାଉଥିବାବେଳେ, ବିବାହ ଆୟୋଜନ ପାଇଁ ଅତିରିକ୍ତ ଖର୍ଚ୍ଚ ମଧ ସରକାର ବହନ କରୁଛି। ସେହିସହ ବିବାହ ପ୍ରମାଣପତ୍ର ଓ ଗଛର ଚ଼ାରା ଉପହାର ଦେଇ ନବଦମ୍ପତିଙ୍କୁ ସମ୍ମାନିତ କରାଯାଇଛି। ଏହି ସାମୂହିକ ବିବାହ ଉଦ୍ୟମ ଯୌତୁକ ପ୍ରଥା ପରି କୁସଂସ୍କାରକୁ ଦୂର କରି ସମାଜରେ ସମାନତା, ସମ୍ମାନ ଓ ସୁଖମୟ ଜୀବନର ସନ୍ଦେଶ ପ୍ରସାର କରୁଛି।

ମାଲକାନଗିରି ଓ ଗଜପତିରେ ସ୍କୁଲ ଛୁଟି ଘୋଷଣା

ଭୁବନେଶ୍ୱର, ୨୧।୪: ମାଲକାନଗିରିରେ ଆସନ୍ତା ୪ ଦିନ ପାଇଁ ସ୍କୁଲ ଛୁଟି ଘୋଷଣା କରାଯାଇଛି। ସବୁ ସରକାରୀ ଓ ବେସରକାରୀ ସ୍କୁଲ ଛୁଟି ଘୋଷଣା ହୋଇଛି। ୨୨,୨୩, ୨୪ ଓ ୨୫ ତାରିଖରେ ଶିଶୁ ବାଟିକା ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଛୁଟି ନିର୍ଦ୍ଦେଶ ହୋଇଛି। ହେଲେ ପଞ୍ଚମ ଓ ଅଷ୍ଟମ ସପ୍ଲିମେଣ୍ଟାରୀ ପରୀକ୍ଷା ଜାରି ରହିବ। ଅନ୍ୟ ବୋର୍ଡ ପରୀକ୍ଷା ଓ ଜନଗଣନା ମଧ ଚ଼ାଲିବ। ଶିକ୍ଷକ ଓ କର୍ମଚ଼ାରୀଙ୍କ ପାଇଁ ସକାଳ ସାଢେ ୬ଟାରୁ ୧୦ଟା ୩୦ ଯାଏ ସ୍କୁଲ ଖୋଲା ରହିବ।

ସେହିପରି ଗଜପତି ଜିଲ୍ଲାରେ ସବୁ ସ୍କୁଲ୍‌? ଆସନ୍ତା ୩ ଦିନ ଛୁଟି ଘୋଷଣା ହୋଇଛି। ଆସନ୍ତାକାଲି ୨୨ରୁ ୨୪ ତାରିଖ ଯାଏଁ ସବୁ ସ୍କୁଲ ଛୁଟି ଘୋଷଣା କରାଯାଇଛି। ପ୍ରବଳ ଖରା ଓ ହିଟ୍‌? ୱେଭକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୩ ଦିନ ଶିଶୁ ବାଟିକାରୁ ଦ୍ୱାଦଶ ଶ୍ରେଣୀ ଯାଏ ସବୁ ସ୍କୁଲ ଛୁଟି ରହିବ। ପୂର୍ବ ନିର୍ଦ୍ଧାରିତ ସୂଚ଼ୀ ଅନୁଯାୟୀ ପରୀକ୍ଷା ଅନୁଷ୍ଠିତ ହେବ ବୋଲି କୁହାଯାଇଛି।

ଗତକାଲି ଗଞ୍ଜାମ ଜିଲା ପ୍ରଶାସନ ମଧ ପ୍ରବଳ ଗ୍ରୀଷ୍ମ ପ୍ରବାହ ଏବଂ ଗୁଲୁଗୁଲିକୁ ଦୃଷ୍ଟିରେ ରଖି ସ୍କୁଲ ଛୁଟି ଘୋଷଣା କରିଛି। ଜିଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ସ୍କୁଲଗୁଡ଼ିକ ୨୧ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। ଶିଶୁ ବାଟିକାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କ ପାଇଁ ଏହି ନିୟମ ଲାଗୁ ହେବ। ଜିଲ୍ଲା କର୍ତ୍ତୃପକ୍ଷ ନିର୍ଦ୍ଦେଶ ଜାରି କରିବା ପୂର୍ବରୁ ପାଣିପାଗ ରିପୋର୍ଟ ସମୀକ୍ଷା କରିଛନ୍ତି। ପ୍ରଶାସନ କହିଛି ଯେ, ଏହି ଅସ୍ଥାୟୀ ଛୁଟି ପିଲା ଏବଂ ଶିକ୍ଷକ କର୍ମଚ଼ାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ନିଆଯାଇଛି। ପ୍ରଚ଼ଣ୍ଡ ତାତିରେ ଏବେ ଅସ୍ତବ୍ୟସ୍ତ ରାଜ୍ୟବାସୀ। ରାଜ୍ୟରେ ସକାଳ ୯ଟା ପରେ ଘରୁ ବାହାରିବା ମୁସ୍କିଲ ହେଉଛି। ତାପମାତ୍ରା ବୃଦ୍ଧି ସହିତ ଗରମ ପବନ ଲୋକଙ୍କୁ କ୍ଲାନ୍ତ କରୁଛି। ପାଣିପାଗ ବିଭାଗ ଆଗାମୀ ୭ ଦିନ ପର୍ଯ୍ୟନ୍ତ ଏହି ପରିସ୍ଥିତି ଜାରି ରହିବ ବୋଲି ସତର୍କ କରିଛି। ବିଶେଷ କରି ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହରୁ କୌଣସି ଆଶ୍ୱସ୍ତି ମିଳିବା ନାହିଁ।